ଗ୍ରାମୀଣ କୃଷି ମୌସମ ସେବା
ଭାରତ ପାଣିପାଗ ବିଭାଗ, ଏ.ଏମ.ଏଫ.ୟୁ. – ସେମିଳିଗୁଡା
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଆଞ୍ଚଳିକ ଗବେଷଣା ଓ ବୈଷୟିକ ଜ୍ଞାନକୌଶଳ ପ୍ରସାରଣ କେନ୍ଦ୍ର
ସେମିଳିଗୁଡା, ପି. ବି.-୧୦, ସୁନାବେଡା, କୋରାପୁଟ, ଓଡ଼ିଶା- ୭୬୩୦୦୨


ସପ୍ତାହ କ୍ର.ସଂ.-୦୫ | **ପାଣିପାଗ ଜନିତ କୃଷି ଉପଦେଶ** | ତାରିଖ – ୦୨.୦୨.୨୦୨୪

## ଜିଲ୍ଲା- ନବରଙ୍ଗପୁର (ଇଷ୍ଟର୍ନ ଘାଟ ହାଇ ଲ୍ୟାଣ୍ଡ ଜୋନ)

## ଆସନ୍ତା ପାଞ୍ଚ ଦିନର (୦୩.୦୨.୨୦୨୪ ଠାରୁ ୦୭.୦୨.୨୦୨୪) ପାଣିପାଗର ପୂର୍ବାନୁମାନ

(ଏମ.ସି., ଆଇ.ଏମ.ଡି., ଭୁବନେଶ୍ୱର ଅନୁଯାୟୀ)

ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଆକାଶ ପରିଷ୍କାର ରୁ ଆଂଶିକ ମେଘୁଆ ପାଗ ରହିବ ଏବଂ ଆଗାମୀ ପାଞ୍ଚ ଦିନ ମଧ୍ୟରେ ଅତି ସ୍ୱଳ୍ପ ମାତ୍ରା ରେବର୍ଷା ହେବାର ସମ୍ଭାବନା ଅଛି। ଆସନ୍ତା ପାଞ୍ଚ ଦିନ ମଧ୍ୟରେ ସର୍ବାଧିକ ତାପମାତ୍ରା ୩୦ ରୁ ୩୨ ଡିଗ୍ରୀ ସେ. ଏବଂ ସର୍ବନିମ୍ନ ତାପମାତ୍ରା ୧୪ ରୁ ୧୫ ଡିଗ୍ରୀ ସେ. ରହିବାର ସମ୍ଭାବନା ଅଛି। ସର୍ବାଧିକ ଏବଂ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ଶତକଡ଼ା ୪୯ ରୁ ୭୦ ଭାଗ ଏବଂ ୨୦ ରୁ ୩୬ ଭାଗ ରହିବାର ସମ୍ଭାବନା ଅଛି।

| ତାରିଖ | ବୃଷ୍ଟିପାତ (ମି.ମି.) | ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ମେଘାଛନ୍ନ | ସର୍ବାଧିକ ଆର୍ଦ୍ରତା (%) | ସର୍ବନିମ୍ନ ଆର୍ଦ୍ରତା (%) | ପବନର ବେଗ (କି.ମି./ଘଣ୍ଟା) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|
| ୦୩.୦୨.୨୦୨୪ | ୧ | ୩୧ | ୧୫ | ୪ | ୬୨ | ୩୬ | ୬ | ୨୧୪ |
| ୦୪.୦୨.୨୦୨୪ | ୦ | ୩୦ | ୧୫ | ୦ | ୪୯ | ୨୩ | ୬ | ୭୫ |
| ୦୫.୦୨.୨୦୨୪ | ୦ | ୩୧ | ୧୪ | ୦ | ୫୭ | ୨୦ | ୭ | ୨୦୭ |
| ୦୬.୦୨.୨୦୨୪ | ୦ | ୩୨ | ୧୫ | ୨ | ୬୭ | ୨୨ | ୮ | ୨୧୨ |
| ୦୭.୦୨.୨୦୨୪ | ୦ | ୩୨ | ୧୪ | ୨ | ୭୦ | ୨୬ | ୧୦ | ୨୪୬ |

## ପାଣିପାଗ ଭିତ୍ତିକ କୃଷି ଉପଦେଶ

ସାଧାରଣ:

- ଆସନ୍ତା ପାଞ୍ଚ ଦିନରେ ବର୍ଷା ହେବାର ସମ୍ଭାବନା ନାହିଁ ଏବଂ ଶୁଖିଲା ପାଗ ରହିବ ତେଣୁ ଫସଲ ଜମିରେ ଆବଶ୍ୟକତା ଅନୁଯାୟୀ ଜଳସେଚନ କରନ୍ତୁ ।
- ଖରିଫ ଫସଲର ଅବଶେଷ ଜଳାନ୍ତୁ ନାହିଁ । ଏହା ପରିବେଶ ପ୍ରଦୁଷଣ  କରିବା ସହିତ ଶରୀରକୁ ମଧ୍ୟ ବହୁତ କ୍ଷତି ପହଞ୍ଚାଇ ଥାଏ ।

ଧାନ:

- ତଳିଘରାରେ ସପ୍ତାହକୁ ଦୁଇ ଥର ସ୍ୱଳ୍ପ ମାତ୍ରାରେ ଜଳସେଚନ କରନ୍ତୁ । ଧାନ ତଳି ୪ ରୁ ୫ ପତ୍ରର ହୋଇଗଲେ ରୁଆକାମ କରନ୍ତୁ ।
- ଧାନ ତଳିଘରାରେ ମହିଷା ରୋଗ ଦେଖାଦେଇପାରେ, ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୦.୪ ଗ୍ରାମ୍ ଟେବୁକୋନାଜୋଲ୍ ୫୦% + ଟ୍ରାଇଫ୍ଲକ୍ସିଷ୍ଟ୍ରବିନ୍ ୨୫% ଡବ୍ଲୁ.ଜି. ମିଶାଇ ସିଞ୍ଚନ କରନ୍ତୁ।
- ରୁଆ ଧାନ ପାଇଁ ଏକର ପିଛା ୪.୫ କି.ଗ୍ରା. ୟୁରିଆ, ୪୪ କି.ଗ୍ରା. ଡି.ଏ.ପି. ଏବଂ ୨୨ କି.ଗ୍ରା. ଏମ୍.ଓ.ପି. ଶେଷଥର କାଦୁଅ କରିବା ସମୟରେ ମୂଳସାର ଭାବେ ପ୍ରୟୋଗ କରନ୍ତୁ ।

ମକା:

- ରବି ମକା ଜମିରେ ଫଲ୍ ଆର୍ମି ୱର୍ମ ପୋକ ଦେଖାଦେଇପାରେ, ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୪ ଗ୍ରାମ୍ ଏମାମେକ୍ଟିନ୍ ବେଞ୍ଜୋଏଟ୍ ୫% ଏସ୍.ଜି. କିମ୍ବା ୦.୪ ମି.ଲି. କ୍ଲୋରାନ୍ଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି. ମିଶାଇ ସିଞ୍ଚନ କରନ୍ତୁ ।

- ଫେବୃଆରୀ ପ୍ରଥମ ସପ୍ତାହ ମଧ୍ୟରେ ଖରାଟିଆ ମକା ବୁଣିବା କାମ ପୂରା କରନ୍ତୁ । ଏକର ପିଛା ୬ କି.ଗ୍ରା. ମଞ୍ଜି ଧାରୀକୁ ଧାଡ଼ି ୬୦ ସେ.ମି. ଏବଂ ଗଛକୁ ଗଛ ୨୦ ସେ.ମି. ବ୍ୟାବଧାନରେ ବୁନନ୍ତୁ । ଲଗାଇବାବେଳେ ଏକର ପିଛା ୩୫ କି.ଗ୍ରା. ଡି.ଏ.ପି., ୪ କି.ଗ୍ରା. ୟୁରିଆ ଓ ୨୭ କି.ଗ୍ରା. ପଟାସ ସାର ମୂଳସାର ଭାବେ ପ୍ରୟୋଗ କରନ୍ତୁ । ଘାସ ଦମନ କରିବା ପାଇଁ ଏକର ପ୍ରତି ୮୦୦ ଗ୍ରାମ୍ ଏଟ୍ରାଜିନ୍ ୫୦% ଡବ୍ଲ୍ୟୁ.ପି. ୨୦୦ ଲିଟର ପାଣିରେ ମିଶାଇ ମକା ବୁଣିବାର ୩ ଦିନ ମଧ୍ୟରେ ସିଞ୍ଚନ କରନ୍ତୁ ।

ଚିନାବାଦାମ:

- ରବି ଚିନାବାଦାମ ଫସଲରେ ଧୂଆଁ ପତ୍ର ଗୋଟିପୋକ ଦେଖାଦେବାର ସମ୍ଭାବନା ଅଛି, ନିୟନ୍ତ୍ରଣ କରିବା ପାଇଁ ପ୍ରତି ଲିଟର ପାଣିରେ ୦.୩ ମି.ଲି. ଥାୟୋମେଥୋକ୍ସାମ୍ ୧୨.୬% + ଲାମ୍ବଡା-ସାଇହଲୋଥ୍ରିନ୍ ୯.୫% ଜେଟ୍.ସି. କିମ୍ବା ୨ ମି.ଲି. ପ୍ରୋଫେନୋଫସ୍ ୫୦% ଇ.ସି. ମିଶାଇ ସିଞ୍ଚନ କରନ୍ତୁ ।
- ରବି ଚିନାବାଦାମ ଜମିରେ ଗଜା ଓ କାଣ୍ଡସଢ଼ା ରୋଗ ଦେଖାଦେଇପାରେ, ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ମେଟାଲାକ୍ସିଲ୍ ୮% + ମାଙ୍କୋଜେବ୍ ୬୪% ଡବ୍ଲ୍ୟୁ.ପି. ଅଥବା ୧.୫ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁ.ପି. ମିଶାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ ।
- ଖରାଟିଆ ଚିନାବାଦାମ ପାଇଁ ଜମି ପ୍ରସ୍ତୁତି ଏବଂ ବୁଣିବା କାମ ଆରମ୍ଭ କରନ୍ତୁ । ଏକର ପିଛା ୫୦ କି.ଗ୍ରା. ମଞ୍ଜି ଧାରୀକୁ ଧାଡ଼ି ୨୫ ସେ.ମି. ଏବଂ ଗଛକୁ ଗଛ ୧୦ ସେ.ମି. ବ୍ୟାବଧାନରେ ବୁଣନ୍ତୁ । ଲଗାଇବାବେଳେ ଏକର ପିଛା ୩୫ କି.ଗ୍ରା. ଡି.ଏ.ପି., ୪ କି.ଗ୍ରା. ୟୁରିଆ ଓ ୨୭ କି.ଗ୍ରା. ପଟାସ ସାର ସହିତ ୧୦ କି.ଗ୍ରା ଜିଙ୍କ ସଲଫେଟ ଏବଂ ୪ କି.ଗ୍ରା ବୋରାକ୍ସକୁ ମୂଳସାର ଭାବେ ପ୍ରୟୋଗ କରନ୍ତୁ । ପ୍ରତି କି.ଗ୍ରା. ବିହନକୁ ବୁଣିବାର ଆଗରୁ ୧୦ ଗ୍ରାମ୍ ଟ୍ରାଇକୋଡାର୍ମା ହାର୍ଜିଆନାମ/ଭିରିଡେ କିମ୍ବା ୩ ଗ୍ରାମ୍ କାର୍ବୋକ୍ସିନ୍ ୩୭.୫% + ଥିରାମ୍ ୩୭.୫% ଡି.ଏସ୍. ଦ୍ୱାରା ମଞ୍ଜି ବିଶୋଧନ କରନ୍ତୁ ।

ସୋରିଷ/ତୋରିଆ:

- ଜମିରେ ଜଉ ପୋକ ଦେଖାଦେଇପାରେ, ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୧.୫ ମି.ଲି. ଡାଇମେଥୋଏଟ୍ ୩୦% ଇ.ସି. କିମ୍ବା ୦.୩ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. ମିଶାଇ ସିଞ୍ଚନ କରନ୍ତୁ ।

ଫୁଲକୋବି:

- ଫୁଲକୋବି ଜମିରେ ଠିକିରି ପିଠିଆ ପୋକ ଦେଖାଦେଇପାରେ, ଦେଖାଗଲେ ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୦.୫ ମି.ଲି. ଏଜାଡିରକ୍ଟିନ୍ ୫% ଡବ୍ଲ୍ୟୁ/ଡବ୍ଲ୍ୟୁ କିମ୍ବା ୦.୪ ଗ୍ରାମ୍ ଏମାମେକ୍ଟିନ୍ ବେଞ୍ଜୋଏଟ୍ ୫% ଏସ୍.ଜି. ମିଶାଇ ସିଞ୍ଚନ କରନ୍ତୁ ।

ବାଇଗଣ:

- ବାଇଗଣ ଫସଲରେ କାଣ୍ଡ ଓ ଫଳ ବିନ୍ଧା ପୋକ ଦେଖାଦେଇପାରେ ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୩ ମି.ଲି. ଏଜାଡିରକ୍ଟିନ୍ ୧% ଇ.ସି. କିମ୍ବା ୦.୪ ଗ୍ରାମ୍ ଏମାମେକ୍ଟିନ୍ ବେଞ୍ଜୋଏଟ୍ ୫% ଏସ୍.ଜି. ମିଶାଇ ସିଞ୍ଚନ କରନ୍ତୁ ।

ଟମାଟୋ:

- ଜମିରେ ଧଳାମାଛି ଏବଂ ଜଉପୋକ ଦେଖାଦେଇପାରେ, ଏହାର ଦମନ ପାଇଁ ପ୍ରତି ୧୫ ଲିଟର ପାଣିରେ ୩.୭୫ ମି.ଲି. ଥାୟୋମେଥୋକ୍ସାମ୍ ୧୨.୬% + ଲାମଡା ସାଇହେଲୋଥ୍ରିନ୍ ୯.୪% ଜେଟ୍.ସି. କିମ୍ବା ୭.୫ ମି.ଲି. ଏଜାଡିରାକ୍ଟିନ୍ ୫% ଇ.ସି. ମିଶାଇ ସିଞ୍ଚନ କରନ୍ତୁ ।

ଭେଣ୍ଡି:

- ଫଳ ବିନ୍ଧା ପୋକ ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୫ ମି.ଲି. ନିମ୍ବ ଜାତୀୟ କୀଟନାଶକ (୩୦୦ ପି.ପି.ଏମ୍.) ସିଞ୍ଚନ କରନ୍ତୁ । ପରବର୍ତ୍ତୀ ପର୍ଯ୍ୟାୟରେ ସ୍ପିନୋସାଦ ୪୫% ଏସ୍.ସି. ପ୍ରତି ଲିଟର ପାଣିରେ ୦.୪ ମି.ଲି. ହିସାବରେ ମିଶାଇ ସିଞ୍ଚନ କରନ୍ତୁ ।

ଲଙ୍କାମରିଚ:

- ଲଙ୍କା ଫସଲରେ ଫଳସଢ଼ା ରୋଗ ଦେଖାଦେଇପାରେ, ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୧ ମି.ଲି. ଏଜୋକ୍ସିଷ୍ଟ୍ରୋବିନ୍ ୨୩% ଏସ୍.ସି. କିମ୍ବା ୧ ମି.ଲି. ଟେବୁକୋନାଜୋଲ୍ ୨୫.୯% ଇ.ସି. ମିଶାଇ ସିଞ୍ଚନ କରନ୍ତୁ ।

ବିଶେଷ ଦ୍ରଷ୍ଟବ୍ୟ:ଆବଶ୍ୟକ ସହାୟତା ଏବଂ ସୂଚନା ପାଇଁ ନିକଟବର୍ତ୍ତୀ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଓ ରାଜ୍ୟର କୃଷି ଅଧିକାରୀ/ଉଦ୍ୟାନକୃଷି ଅଧିକାରୀ ସହିତ ସମ୍ପର୍କ କରନ୍ତୁ।

ଡଃ.ପର୍ଶୁରାମ ଶିଅଳ
(ନୋଡାଲ୍ ଅଫିସର, ଜି.କେ.ଏମ୍.ଏସ୍.,ସେମିଳିଗୁଡା)